# ସଂକ୍ଷେପରେ

## ବିଷ ପିଇଲେ ବାପଝିଅ

ବାସୁଦେବପୁର,୯।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଧଘଣ୍ଟାଏ ଅନ୍ତରରେ ବାପ ଓ ଝିଅ ବିଷ ପିଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବିଷ ପିଇ ଗୁରୁତର ଥିବା ଗ୍ରାମର ଜଣେ ନାବାଳିକାଙ୍କୁ ପରିବାର ଲୋକେ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ବାପାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା। ସେ ମଧ୍ୟ ବିଷ ପିଇଥିବା ବେଳେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କେଉଁ କାରଣରୁ ବାପଝିଅ ବିଷ ପିଇଲେ ତାହା ଜଣାପଡ଼ିନାହିଁ। ଘରୋଇ ସମସ୍ୟାକୁ ନେଇ ଏଭଳି ଘଟଣା ଘଟିଥିବା କୁହାଯାଉଛି।

## ବୟାଙ୍ଗଡିହୀ ସରପଞ୍ଚ ଦାୟିତ୍ୱ ତୁଲାଇବେ ନାଏବ ସରପଞ୍ଚ

ଧାମନଗର,୯।୪ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ବୟାଙ୍ଗଡିହୀ ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ତୁଲାଇବା ପାଇଁ ଭଦ୍ରକ ଉପଜିଲାପାଳ ମନୋଜ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଓ ଦୌରାଜଜ୍‌ଙ୍କ ରାୟ ଆଧାରରେ ଉପଜିଲାପାଳ ଏକ ଚିଠି କରିଛନ୍ତି। ପଞ୍ଚାୟତରେ ନୂଆ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହେବା ପର୍ଯ୍ୟନ୍ତ ନାଏବ ସରପଞ୍ଚ ଦାୟିତ୍ୱ ତୁଲାଇବାକୁ ଚିଠିରେ ଉଲ୍ଲେଖ ରହିଛି। ନାଏବ ସରପଞ୍ଚ ପ୍ରଦୀପ କୁମାର ବାରିକ୍‌ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ବିଦାୟୀ ସରପଞ୍ଚ କୁନ୍ତଳା ମଲ୍ଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ ପ୍ରକ୍ରିୟାକୁ ଯଥାଶୀଘ୍ର ସାରିବା ପାଇଁ ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କୁ ଉପଜିଲାପାଳ ଚିଠି ଲେଖିଛନ୍ତି। ପ୍ରକାଶ ଯେ, ଓଡ଼ିଆ ଲେଖିପଢ଼ି ଜାଣି ନ ଥିବାରୁ ବୟାଙ୍ଗଡିହୀର ସରପଞ୍ଚ କୁନ୍ତଳାଙ୍କୁ ଧାମନଗର ଦେୱାନୀ ଅଦାଲତ ୨୦୨୩ ଅଗଷ୍ଟ ୩୧ରେ ଅଯୋଗ୍ୟ ଘୋଷଣା କରିଥିଲେ। କୁନ୍ତଳା ଭଦ୍ରକ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହାର ଶୁଣାଣି କରି ୨୦୨୩ ସେପ୍ଟେମ୍ବର ୨୨ରେ ଧାମନଗର କୋର୍ଟଙ୍କ ରାୟ ଉପରେ ରହିତାଦେଶ ଦେଇଥିଲେ। ଗତ ମାର୍ଚ୍ଚ ୧୩ରେ ଭଦ୍ରକ ଜିଲା ଓ ଦୌରା ଜଜ୍ ଏହାର ଶୁଣାଣି କରି ରହିତାଦେଶକୁ ହଟାଇଥିଲେ। ଧାମନଗର ଦେୱାନୀ ଅଦାଲତ ରାୟକୁ କାଏମ ରଖିଥିଲେ। ଏହି ପଞ୍ଚାୟତରେ ସାନି ନିର୍ବାଚନ ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ୩ ସ୍ଥାନରେ ଅଗ୍ନିକାଣ୍ଡ ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ଘର ମାଲିକ ଆହତ

ବନ୍ତ,୯।୪ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ୩ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ସୋମବାର ବିଳମ୍ବିତ ରାତିରେ ଗୋବିନ୍ଦପୁର ପଞ୍ଚାୟତ ପଙ୍ଗୀରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାଜେନ୍ଦ୍ର ମୁଦୁଲିଙ୍କ ୧ ବଖରା ଓ ଅଭୟ ମୁଦୁଲିଙ୍କ ବଖରାଏ ଚାଳଘର ଏବଂ ୧ ବଖରା ଗୁହାଳ ଜଳିଯାଇଛି। ଅଭୟଙ୍କ ଗୁହାଳରେ ନିଆଁ ଲାଗି ୩ ଗୋରୁ ଆହତ ହୋଇଛନ୍ତି। ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ଅଭୟ ନିଆଁରେ ପୋଡ଼ି ହୋଇ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ଆନୁମାନିକ ଦେଢ଼ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଭଣ୍ଡାରିପୋଖରୀ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଟାଇଗୁଣା ଗ୍ରାମର ବିଶ୍ୱନାଥ ଜେନାଙ୍କ ପାଳଗଦାରେ ଚୁଲି ପାଉଁଶରୁ ନିଆଁ ଲାଗି ଜଳିଯାଇଥିଲା। ଶିଆଳିଆ ଗ୍ରାମର ବିନୋଦ ଭୂୟାଁଙ୍କ ଘର ପାଖରେ ଥିବା ଏକ ନଡ଼ିଆ ଗଛ ବଜ୍ରପାତ ଯୋଗୁ ଜଳିଯାଇଛି। ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମାଳଦାରେ ବାଦୀପାଲା ଉଦ୍‌ଯାପିତ

ଭଣ୍ଡାରିପୋଖରୀ, ୯।୪ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକର ମାଳଦା ସ୍କୁଲ ପଡ଼ିଆରେ ତିନିଦିନ ଧରି ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଚିନ୍ମୟୀ ଶତପଥୀଙ୍କ ସମେତ ମଞ୍ଜୁଲତା ସାମଲ ଓ ମଞ୍ଜୁଲତା ନାୟକ ପାଲା ପରିବେଷଣ କରିଥିଲେ। ରାମଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ଦାସ, କୃତିବାସ ଜେନା, ଶ୍ରୀରାମ ଜେନା, ହେମନ୍ତ ଜେନା, ନକୁଳ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଗାୟକ ଅନିରୁଦ୍ଧ ପାଣିଗ୍ରାହୀ ପ୍ରାଚୀ ପାଲା ମଣ୍ଡପ ସାରଣାଠାରେ ତିନିଦିନ ବ୍ୟାପୀ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଗାୟକ ବସନ୍ତ କୁମାର ମହାରଣା ଓ ତ୍ରିଲୋଚନ ବେହେରାଙ୍କ ମଧ୍ୟରେ ପାଲା ପ୍ରତିଯୋଗିତା ହୋଇଥିଲା। ଷୋଳମପୁରଠାରେ ମଧ୍ୟ ପାଲା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି।

# ଶ୍ରୀରାମ ନବମୀ ଉପଲକ୍ଷେ ଗୋ ମାତା, ସାଧୁସନ୍ଥ ପୂଜା



ସଭାରେ ଉପସ୍ଥିତ ସାଧୁସନ୍ଥମାନେ।

ଭଦ୍ରକ,୯।୪(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ରାଷ୍ଟ୍ରୀୟ ନବବର୍ଷ ଅବସରରେ ମଙ୍ଗଳବାର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ବ୍ଲକର ପରସିଙ୍ଗା ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗୋମାତା ଓ ସାଧୁସନ୍ଥ ପୂଜନ କରାଯାଇଛି। ବିଭିନ୍ନ ମଠ ମନ୍ଦିରରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ସନ୍ନ୍ୟାସୀ ଏବଂ ୩୦ରୁ ଊର୍ଦ୍ଧ୍ୱ ଗୋମାତାଙ୍କୁ ପୂଜା କରାଯାଇଥିଲା।

ଭଦ୍ରକ ସହର ଗାନ୍ଧୀପଡ଼ିଆଠାରେ ଭୂମି ପୂଜନ ସରିବା ପରେ ବିଶାଳ ବାଇକ୍ ଶୋଭାଯାତ୍ରାରେ ଜୟ ଶ୍ରୀରାମ ନାରା ଦେଇ ସହର ପରିକ୍ରମା କରି ସାଧୁସନ୍ଥମାନଙ୍କୁ ପୂଜାସ୍ଥଳୀକୁ ନିଆଯାଇଥିଲା। ସାଧୁସନ୍ଥମାନେ ସେଠାରେ ପହଞ୍ଚିବା ପରେ ମହିଳାମାନେ ଫୁଲ, ଚନ୍ଦନ ଦେଇ ଶଙ୍ଖ ବଜାଇ ହୁଳହୁଳି ପକାଇ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ବରିଷ୍ଠ ଉପଦେଷ୍ଟା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ, ବାବା ଦଣ୍ଡଧାରୀ ମହାରାଜଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥମାନେ ହିନ୍ଦୁତ୍ୱ, ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ, ଗୌରବମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଥମାନଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋମାତାଙ୍କୁ ପୂଜନ ସହ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମହାଯଜ୍ଞ ସମିତିର ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କହ୍ନେଇ ଚରଣ ଦାସ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ, ସମିତିର ଉପଦେଷ୍ଟା ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ପତି, ରଘୁନାଥ ସାହୁ, ଡା. ଦେବରାଜ ପାତ୍ର, ଭଦ୍ରକ ବ୍ଲକ ସଂଯୋଜକ ବୃନ୍ଦାବନ ଜେନା, ସହ ସଂଯୋଜକ ଅନୀଲ ବେହେରା, ମାନସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ଭଦ୍ରକ ସହରରେ ବାଇକ୍ ଶୋଭାଯାତ୍ରା ।

### ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା

# 'ଜୟ ଶ୍ରୀରାମ' ଧ୍ୱନିରେ କମ୍ପିଲା ତିହିଡ଼ି ବଜାର


ବାଇକ୍ ଶୋଭାଯାତ୍ରାରେ ସାମିଲ ଯୁବକମାନେ।

ତିହିଡ଼ି,୯।୪(ସଞ୍ଜିତ ବଳ)

ଶ୍ରୀରାମ ନବମୀ ଉପଲକ୍ଷେ ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ବାଇକ୍ ଶୋଭାଯାତ୍ରା କରାଯାଇଛି। ତିହିଡ଼ି କଲେଜ ଛକରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ରାଣୀପୁରସ୍ଥିତ ତାରିଣୀ ମନ୍ଦିର ନିକଟରେ ପହଞ୍ଚିଥିଲା। ସମିତିର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ 'ଜୟ ଶ୍ରୀରାମ' ଧ୍ୱନି ଦେଇ ବାଇକ୍‌ରେ ଯାତ୍ରା କରିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପାର ବରିଷ୍ଠ ନେତା ଦୀନବନ୍ଧୁ ପତିଙ୍କ ସମେତ ସମିତିର ସଭାପତି କିଶୋର କୁମାର ନାୟକ, ସମ୍ପାଦକ ଯଯାତି କେଶରୀ ଦାସ, ତପନ ପଣ୍ଡା, ପ୍ରଶାନ୍ତ ବଳ, ଅଜୟ ନାୟକ, ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଉମାକାନ୍ତ ଦାସ, ପ୍ରତାପ ଜେନା, ରତିକାନ୍ତ ଦାସ, ରାଜକିଶୋର ନାୟକ, କେଶବ ବେହେରା, ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ବେଧଡ଼କ ଚାଲୁଛି ଓଭରଲୋଡିଂ ବାଲି ବୋଝେଇ ଗାଡ଼ି

### ଖାଲଖମାରେ ଭର୍ତ୍ତି ହେଲାଣି ରାସ୍ତା

ବନ୍ତ,୯।୪(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବନ୍ତ-ବାରିକପୁର, ନିଳୋକ-ଛତାବର ଏବଂ ନିଳୋକ-ଓଳମ ରାସ୍ତାରେ ବେଧଡ଼କ ଭାବେ ଓଭରଲୋଡିଂ ବାଲି ବୋଝେଇ ଗାଡ଼ି ଚଳାଚଳ କରୁଛି। ଉକ୍ତ ରାସ୍ତା ମଧ୍ୟ ଦେଇ କୌଣସି ଓଭରଲୋଡିଂ ଗାଡ଼ି ଚଳାଚଳ ପାଇଁ ନିୟମ ନ ଥିବାବେଳେ ଦୈନନ୍ଦିନ ବହୁ ଗାଡ଼ି ବେଆଇନ ଭାବେ ଚଳାଚଳ କରୁଥିବା ଦେଖାଯାଇଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ବୈତରଣୀ ନଦୀର ବିଭିନ୍ନ ବାଲି ଘାଟରୁ ଚୋରା ବାଲି ବୋଝେଇ ଗାଡ଼ିଗୁଡ଼ିକ ଉକ୍ତ ରାସ୍ତାରେ ଚଳାଚଳ କରୁଛି। ଫଳରେ ରାସ୍ତାଗୁଡ଼ିକ ଦିନକୁ ଦିନ ଖାଲଖମାରେ ପରିଣତ ହେବାରେ ଲାଗିଛି। ଏଥିଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜିର ରହିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ କିଛି ଶୁଣୁ ନ ଥିବା ଅଭିଯୋଗ ହେଉଛି। କେତେଜଣ ଅସାମାଜିକ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଓଭରଲୋଡିଂ ଗାଡ଼ିଗୁଡ଼ିକଠାରୁ ମାସିକ ଚାନ୍ଦା ଆଦାୟ କରି ଯାତାୟାତରେ ସହଯୋଗ କରୁଥିବା ଦେଖାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ବନ୍ତ-ନିଳୋକ-ଛତାବର ରାସ୍ତାରେ ଓଭରଲୋଡିଂ ବାଲି ବୋଝେଇ ଗାଡ଼ି ଯାତାୟାତ କରୁଛି।

## ଲୋକନାଥ ମନ୍ଦିରରେ ଶ୍ରୀରାମ ଚରିତ ମାନସ ପାରାୟଣ

ଭଦ୍ରକ,୯।୪ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ସହର ଲୋକନାଥ ମନ୍ଦିରରେ ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ସୋମବାରରୁ ଆରମ୍ଭ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀରାମ ନବମୀ ଦିନ ଉଦ୍‌ଯାପିତ ହେବ। ସୋମବାର ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିବାବେଳେ ପ୍ରବଚକ ଅଯୋଧ୍ୟାନାଥ ଦାସ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ପରିଷଦର ସଭାପତି ହରମୋହନ କୁଅଁର, ଉପସଭାପତି ବ୍ରଜକିଶୋର ଦାସ, ତ୍ରୈଲୋଚନ ବେହୁରିଆ, ପ୍ରତିଷ୍ଠାତା ସମ୍ପାଦକ ରାମନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ବିନୟ କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ଶାନ୍ତନୁ କୁମାର ରାଉତ, ଅଜିତ କୁମାର ନାୟକ, ଘନଶ୍ୟାମ ଲେଙ୍କା, ଅଭିମନ୍ୟୁ ନାୟକ, ଆଦିତ୍ୟ କୁମାର ନାୟକ, କରୁଣାକର ଉପାଧ୍ୟାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ

ଭଦ୍ରକ,୯।୪(ସନାତନ ରାଉତ)

ଭଦ୍ରକ ଆର୍ଯ୍ୟ ସମାଜ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂସ୍କାରମୂଳକ କାର୍ଯ୍ୟ, ବାୟୁଶୋଧନ ପାଇଁ ଯଜ୍ଞକାର୍ଯ୍ୟ, ନାରୀଙ୍କୁ ସମ୍ମାନ ପ୍ରଦାନ ଆର୍ଯ୍ୟ ସମାଜର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଆର୍ଯ୍ୟ ସମାଜର ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ଓ ସହସମ୍ପାଦକ ରବିନାରାୟଣ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନନ୍ଦକିଶୋର ସାହୁ, କାଶୀନାଥ ସାହୁ, ରାଜକିଶୋର ସାହୁ, ଘନଶ୍ୟାମ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ୀ ଜାଗୁଲାଇ ପୀଠରେ ସରିଲା ବାଦୀପାଲା


ଗାୟକ କୁଳଭୂଷଣ ଚନ୍ଦ୍ରଶେଖର ପାଢ଼ୀ ଓ ସାଥୀ ପାଲା ପରିବେଷଣ କରୁଛନ୍ତି।

ଧାମନଗର,୯।୪ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଭଗବାନପୁର ଗ୍ରାମରେ ଥିବା ମା' ବୁଢ଼ୀ ଜାଗୁଲାଇ ପୀଠରେ ଗତ ଶନିବାରଠାରୁ ଚାଲିଥିବା ବାଦୀପାଲା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଫାଲ୍‌ଗୁନ ଅବା ଚୈତ୍ର ମାସରେ ଅନୁଷ୍ଠାନ ପକ୍ଷରୁ ବାଦୀପାଲା ଅନୁଷ୍ଠିତ ହୋଇଥାଏ। ମା' ବୁଢ଼ୀ ଜାଗୁଲାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଓ ଚଣ୍ଡୀ ପାଠ କରାଯିବା ପରେ ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା। ଗାୟକ କୁଳଭୂଷଣ ଚନ୍ଦ୍ରଶେଖର ପାଢ଼ୀ ଏବଂ ଜ୍ଞାନ ସୁଦ୍ଧା ସାରଦା ପ୍ରସନ୍ନ ନାୟକଙ୍କ ମଧ୍ୟରେ ୪ଦିନ ଧରି ବାଦିପାଲା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଡା. ସଞ୍ଜୟ ଦାସ ମା' ବୁଢ଼ୀ ଜାଗୁଲାଇଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଗ୍ରାମର ଦିବାକର ମହାପାତ୍ର, ଲକ୍ଷ୍ମୀଧର ଲେଙ୍କା, ରାଜେଶ ପାତ୍ର, ଉତ୍କଳ ସାହୁ, ସୋମନାଥ ଶଙ୍ଖୁଆ, ଉଦୟ ନାଥ ମହାପାତ୍ର, ଅନୀଲ କୁମାର ଜେନାଙ୍କ ସମେତ ଗ୍ରାମବାସୀ ପାଲା ଆୟୋଜନରେ ସହଯୋଗ କରିଥିଲେ।

# ଜାତୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତାରେ ଆୟୁଷ୍ମାନ

ଭଦ୍ରକ,୯।୪(ସନାତନ ରାଉତ/ ରବିନାରାୟଣ ଖିଲାର)

ପୁଡୁଚେରୀ ରାଜୀବ ଗାନ୍ଧୀ ଷ୍ଟାଡିୟମ୍‌ରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୮ତମ ଜାତୀୟ ଯୁବ (୧୬ ବର୍ଷରୁ କମ୍) ବାସ୍କେଟବଲ୍ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକ ଜିଲାରୁ ଆୟୁଷ୍ମାନ ନାୟକ ସ୍ଥାନ ପାଇଛନ୍ତି। ଓଡ଼ିଶାର ୧୨ଜଣ ବାସ୍କେଟବଲ୍ ଖେଳାଳିଙ୍କ ମଧ୍ୟରେ ସେ ଅଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଆଥ୍‌ଲେଟିକ ସଂଘର ସମ୍ପାଦକ ଧିରେନ ପଲାଇ, ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ ଓ ବରିଷ୍ଠ ଖେଳାଳିମାନେ ଆୟୁଷ୍ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାତୀୟସ୍ତରରେ ଭଲ ଖେଳ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଛନ୍ତି।




ଆୟୁଷ୍ମାନ ମଧ୍ୟ ବିଦ୍ୟାଳୟସ୍ତରରେ ଜାତୀୟସ୍ତରୀୟ ସ୍କୁଲ ବାସ୍କେଟବଲ୍ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଆସନ୍ତା ୨୪ ତାରିଖରୁ ହରିୟାଣାରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ତିହିଡ଼ି ବ୍ଲକର ପୀରହାଟସ୍ଥିତ ଛତ୍ରପୁର ଗ୍ରାମର ପ୍ରଶାନ୍ତ କୁମାର ନାୟକ ଓ ବିଳାସିନୀ ନାୟକଙ୍କ ପୁଅ ଆୟୁଷ୍ମାନ। ସେ ଏବେ ଓଡିଏମ୍ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଭଦ୍ରକ ଶିଶୁମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ କୋଚ୍ କ୍ରୀଡ଼ା ଶିକ୍ଷକ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ତାଙ୍କର ବାସ୍କେଟ ଖେଳ ଆରମ୍ଭ କରିଥିଲେ।

# 'ନୂଆ କବିତା ଚିନ୍ତା ଚେତନାକୁ ପ୍ରକାଶ କରେ'

ଭଦ୍ରକ,୯।୪ (ସନାତନ ରାଉତ)

ଏବେର ନୂଆ କବିତା ମାନବର ନିକଟତର ହୋଇଛି। ଚିନ୍ତା ଚେତନାକୁ ଅନ୍ତରଙ୍ଗ ଭାବେ ପ୍ରକାଶ କରିବାକୁ ବ୍ରତୀ ହୋଇଛି। ମଙ୍ଗଳବାର ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ସଂପାନରେ ବିଷୟ ବିଶାରଦ ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଳିଆବିନ୍ଧା ବିଏନ୍‌ଏମ୍‌ଏ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ସତ୍ କବିତାର ଚିରସବୁଜ, କବିତାର ଆତ୍ମିକ ଓ ଆଙ୍ଗିକ ସୌନ୍ଦର୍ଯ୍ୟ ସର୍ବଦା ପ୍ରଭାବଯୁକ୍ତ ବୋଲି କହିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଂପାନରେ ଅଧ୍ୟକ୍ଷା ସୁପ୍ରୀତି କର ପାଠଚକ୍ରର ଉଦ୍‌ଘାଟନ କରିଥିଲେ। ଡ. ଅନୀତାରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପ୍ରମିଳା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ପୁଷ୍ପଲତା ଧଳ, ଗୀତାଞ୍ଜଳି ସାହୁ, ସ୍ନିଗ୍ଧାରାଣୀ ଖୁଣ୍ଟିଆ, ଅନିତା ପୂର୍ତି, ନମିତା ନାୟକ, ଅଧ୍ୟାପକ ରାଜେଶ ପାହାରୀ, ଅନୀଲ୍ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପିକା ମଧୁବ୍ରତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ହିନ୍ଦୁ ଏକତା ମଞ୍ଚର ଜିଲା କାର୍ଯ୍ୟକାରିଣୀ


ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

ଭଦ୍ରକ,୯।୪ (ସନାତନ ରାଉତ)

ଭଦ୍ରକ ସହର ଗୁଜୁରାଟୀ ଭବନ ଅମ୍ବିକା ମନ୍ଦିର ପରିସରରେ ହିନ୍ଦୁ ଏକତା ମଞ୍ଚ ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଉପାଧ୍ୟକ୍ଷ ଚନ୍ଦ୍ରକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ସଂଯୋଜକ ପ୍ରଦୀପ୍ତ କୁମାର ଜେନା ଏବଂ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସନାତନ ଧର୍ମର ମହନୀୟତା ଓ ବିଶାଳ ଭାବଧାରା ଉପରେ ଆଲୋକପାତ କରିଥିଲେ। ହିନ୍ଦୁ ଧର୍ମର ଗୌରବ ଓ ଗରିମାକୁ ବଜାୟ ରଖିବା ପାଇଁ ହିନ୍ଦୁ ସମାଜ ଏକ ହୋଇ କାର୍ଯ୍ୟ କରିବାର ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ହେମନ୍ତ କୁମାର ସ୍ୱାଇଁ, ସନ୍ନ୍ୟାସିନୀ ମାତା ଅରୁନ୍ଧତୀ, ଖବରଦାତା ଜ୍ଞାନ ପାଣି, ଅରବିନ୍ଦ ଦାସ, ସଙ୍ଗୀତା ତ୍ରିପାଠୀ ଓ ପ୍ରଣବ ଭଗବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଜିଲା ଶାଖାର ଆବାହକ ନିରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଆକାଂକ୍ଷା ଦେବରଞ୍ଜିତା ଦାସ, ରଶ୍ମୀରଞ୍ଜନ ସାହୁ, ଶ୍ରାବଣୀ ମଲ୍ଲିକ କିନ୍ନର, ରଘୁରାମ ଯେନା, ସଞ୍ଜୟ ସାହୁ, ବିଭୁ ରଞ୍ଜନ ସାହୁ, ମୋହିତ ରାଉଳ, ଅନୁପମା ନାୟକ, ରାଜେଶ ନାୟକ, ବର୍ଷାରାଣୀ ସାହୁ, ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ୩୦ଲକ୍ଷ ଖର୍ଚ୍ଚ ହେଲା, କ୍ରୀଡ଼ା ଉପଯୋଗୀ ହୋଇପାରିଲାନି

ତିହିଡ଼ି, ୯।୪ (ସଞ୍ଜିତ ବଳ)

ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଦିଗରେ ସରକାରୀ ସ୍ତରରେ ଉଦ୍ୟମ କରାଯାଉଛି। କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମିନିଷ୍ଟାଡିୟମ ନିର୍ମାଣ କରାଯାଉଛି। ମାତ୍ର ଭଦ୍ରକ ଜିଲା ତିହିଡ଼ିରେ ଥିବା ଏକମାତ୍ର ମିନିଷ୍ଟାଡିୟମ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିବା ଅନେକ କ୍ରୀଡ଼ାବିତ୍‌ଙ୍କୁ ନିରୁତ୍ସାହିତ କରିଛି। ଏପରିକି ୩୦ ଲକ୍ଷ ଟଙ୍କା ବିନିଯୋଗ ପରେ ବି ଏହା କ୍ରୀଡ଼ା ଉପଯୋଗୀ ହୋଇ ନ ପାରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ସରକାରୀ ହାଇସ୍କୁଲ ପାର୍ଶ୍ୱରେ ରହିଛି ଏହି ମିନିଷ୍ଟାଡିୟମ। ସାମ୍ନାରେ ଥିବା ଫାଟକରୁ ମିନିଷ୍ଟାଡିୟମ ବୋଲି ଯାହା ସୂଚନା ମିଳୁଛି। ଫାଟକ ସାମ୍ନା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଖାନା ପାଲଟିଛି। ଷ୍ଟାଡିୟମ ଉଚ୍ଚା ଖାଲ ହୋଇଥିବା ବେଳେ ବିଭିନ୍ନ ପ୍ରକାର ଘାସରେ ପରିପୂର୍ଣ୍ଣ। ଷ୍ଟାଡିୟମର ଉନ୍ନତୀକରଣ ପାଇଁ ୨୦୧୧ରେ ସରକାରଙ୍କ ପକ୍ଷରୁ ୩୦ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏହି ଅର୍ଥର ବିନିଯୋଗ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଥିଲା। ଷ୍ଟାଡିୟମ ସ୍ଥଳରେ ନାମକୁ ମାତ୍ର କିଛି ମାଟି ପକାଯାଇଥିଲା ଏବଂ ଷ୍ଟାଡିୟମ ପାର୍ଶ୍ୱରେ ଏକ ଘର ନିର୍ମାଣ କରାଯାଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ଘର ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେହି ଘର ପାର୍ଶ୍ୱରେ ଏବେ ଏକ ନୂତନ ଘର ନିର୍ମାଣ କାର୍ଯ୍ୟ ଚାଲିଛି। ପୂର୍ବରୁ ନିର୍ମିତ ଗୃହର ଯତ୍ନ ନିଆଯାଇ ପାରୁ ନ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଅନ୍ୟ ଏକ ଗୃହ ନିର୍ମାଣ ହେଉଛି, ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ବର୍ଷାଦିନେ ଷ୍ଟାଡିୟମ୍‌ରେ ପାଣି ଭର୍ତ୍ତି ହୋଇଯାଉଥିବାରୁ ସେଠାରେ କେତେ ମାଟି ପକାଯାଇଛି ତାହା ତଦନ୍ତ ସାପେକ୍ଷ। ତିହିଡ଼ି ବ୍ଲକରେ ଯେଉଁ ଲକ୍ଷ୍ୟ ନେଇ ମିନିଷ୍ଟାଡିୟମ ନିର୍ମାଣ କରାଯାଇଥିଲା, ବହୁ ବର୍ଷ ପରେ ବି ତାହା ପୂରଣ ହୋଇପାରି ନାହିଁ। ଏନେଇ ଜିଲା କ୍ରୀଡ଼ା ଅଧିକାରୀ ତନ୍ମିତା କର କହିଛନ୍ତି, ସେ ନୂଆ କରି ଦାୟିତ୍ୱ ନେଇଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଜାଣିନାହାନ୍ତି। ସବିଶେଷ ଜାଣିବା ପରେ ପଦକ୍ଷେପ ନେବେ।


ତିହିଡ଼ି ସରକାରୀ ହାଇସ୍କୁଲ ପାର୍ଶ୍ୱରେ ଥିବା ମିନିଷ୍ଟାଡିୟମ।

### ପରିତ୍ୟକ୍ତ ଅବସ୍ଥାରେ ମିନିଷ୍ଟାଡିୟମ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

କେନ୍ଦୁଝର, ୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଚମ୍ପୁଆ ଥାନା ଅନ୍ତର୍ଗତ ବଡନଇ ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡନଇ ପଞ୍ଚାୟତ ଅନ୍ତର୍ଗତ ପଳସା ଗ୍ରାମର ଶେଷଦେବ ନାଏକ। ୩ ଜଣ ସାଙ୍ଗଙ୍କ ସହିତ ସେ ବଡ଼ନଇ ଗ୍ରାମର ଏକ ପୋଖରୀକୁ ମାଛ ମାରିବାକୁ ଯାଇଥିଲେ। ତେବେ ମାଛ ମାରୁଥିବା ସମୟରେ ସେ ପୋଖରୀ ମଝିରେ ବୁଡ଼ି ଯାଇଥିଲେ। ସେ ପାଣିରେ ବୁଡି ଯାଇଥିବା ଦେଖି ଅନ୍ୟ ସାଙ୍ଗମାନେ ତାଙ୍କୁ ଉପରକୁ ଉଠାଇ ଥିଲେ ମଧ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଚମ୍ପୁଆ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ବୈତରଣୀରୁ ବୃଦ୍ଧଙ୍କ ମୃତଦେହ ଜବତ

ଆନନ୍ଦପୁର, ୯।୪ (ଉମେଶ ଚନ୍ଦ୍ର ପାଢ଼ୀ)

ଘସିପୁରା ବସ୍‌ଷ୍ଟାଣ୍ଡ ନିକଟସ୍ଥ ବୈତରଣୀ ନଦୀର ଖପରାଖାଇ ଡ଼ଙ୍ଗା ଘାଟଠାରେ ନଦୀରେ ଭାସୁଥିବା ଅବସ୍ଥାରେ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ପିଲାଖେଳକୁ କେନ୍ଦ୍ରକରି କୁରାଢ଼ିରେ ଆକ୍ରମଣ

ପାଟଣା, ୯।୪ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ଗ୍ରାମରେ ପିଲା ଖେଳକୁ କେନ୍ଦ୍ର କରି ଦୁଇ ଜଣକ ମଧ୍ୟରେ ମାର୍‌ପିଟ ହୋଇଛି। କୁରାଢି ଆକ୍ରମଣରେ ଗ୍ରାମର ଅଭିମନ୍ୟୁ ମହାନ୍ତ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ମାନୁ ମୁଣ୍ଡା ସାଙ୍ଗମାନଙ୍କ ସହ ଖରାରେ ଖେଳୁଥିଲେ। ଗ୍ରାର କୁନା ନାଏକ ଖରାରେ କାହିଁକି ଖେଳୁଛ କହି ଆକଟ କରିବା ସହ ମାନୁଙ୍କୁ ନେଇ ଗୁହାଳ ଘର ଭିତରେ ବାନ୍ଧି ରଖିଥିଲେ। ତେବେ ପିଲାଙ୍କୁ କାହିଁକି ଗୁହାଳରେ ବାନ୍ଧି ରଖିଚୁ ବୋଲି ଅଭିମନ୍ୟୁ କହିବାରୁ କୁନା ନାଏକ ଏକ କୁରାଢ଼ିରେ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଅଭିମନ୍ୟୁଙ୍କ ଅଭିଯୋଗ କ୍ରମେ ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ. ୧୫୨/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଇକ୍ ଧକ୍କାରେ ଛାତ୍ର ଗୁରୁତର

ସୋସୋ, ୯।୪ (ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ହାଟଡିହି ବ୍ଲକ ଆନନ୍ଦପୁର-ଭଦ୍ରକ ରାଜ୍ୟ ରାଜପଥର ବଞ୍ଜୋ-ଆମ୍ବଗଡ଼ିଆ ଛକ ମଧ ଭାଗରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ଦଶମ ଶ୍ରେଣୀର ଛାତ୍ର ଆହତ ହୋଇଛନ୍ତି। ୨ ଅଜଣା ଯୁବକ ଦ୍ରୁତ ଗତିରେ ବାଇକ୍ ଯୋଗେ ଆସି ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲେ। ଆହତ ଛାତ୍ର ଜଣକ ହେଲେ ଅମ୍ବାଗଡ଼ିଆ ଗ୍ରାମର ରବୀନ୍ଦ୍ର ମୁଦୁଲିଙ୍କ ପୁଅ ରତୁରାଜ। ସେ ଟିୟୁସନରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଯୁବକ ଦ୍ୱୟ ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଦୁର୍ଘଟଣାରେ ସେମାନେ ମଧ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ବେଳେ ସେହି ରାସ୍ତା ଦେଇ ଯାଉଥିବା ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଆହତ ଯୁବକ ଦ୍ୱୟଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲେ।

# ମା' ତାରିଣୀଙ୍କ ଚଇତି ପର୍ବ: ପ୍ରଥମ ଦିନରେ ଭକ୍ତଙ୍କ ଭିଡ଼

- ୭ ଦିନ ଧରି ହେବ ସୁନାବେଶ
- ଦର୍ଶନ ଧାଡ଼ି, ଭୋଗ ଧାଡ଼ି ଅଲଗା

ଘଟଗାଁ, (ରାଜେନ୍ଦ୍ର କୁମାର ପଟ୍ଟନାୟକ)/ ଢେଙ୍କିକୋଟ (ନୀଳମଣି ମଣ୍ଡଳ), ୯।୪



କେନ୍ଦୁଝର ଜିଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁର ମା' ତାରିଣୀଙ୍କ ପୀଠରେ ପ୍ରସିଦ୍ଧ ଚଇତି ପର୍ବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପୀଠକୁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଛି। ମଙ୍ଗଳବାର ଥିବାରୁ ୨୦ ହଜାର ଭକ୍ତଙ୍କ ସମାଗମ ହୋଇଛି। ପ୍ରଥମ ଦିନରେ ଅପରାହ୍ନ ପର୍ଯ୍ୟନ୍ତ ଭିଡ଼ ଲାଗିରହିଥିଲା। ପ୍ରତ୍ୟୁଷରୁ ପୂଜକ ନଟବର ଦେହୁରୀ, ରବୀନ୍ଦ୍ର ଦେହୁରୀ, ଶ୍ୟାମସୁନ୍ଦର ଦେହୁରୀ, ରାଜକିଶୋର ଦେହୁରୀ, ପ୍ରଦୀପ ଦେହୁରୀ ଓ ରମେଶ ଦେହୁରୀ ମା'ଙ୍କର ଷୋଡ଼ଷ ଉପଚାର ସହ ମାର୍ଜଣା କରି ସୁନାବେଶ ପରିଧାନ କରାଇଥିଲେ। ସକାଳ ୬ଟାରେ ମଙ୍ଗଳ ଆଳତି ହୋଇଥିଲା। ମନ୍ଦିର ପହଡ଼ ଖୋଲିବା ପରେ ଭକ୍ତମାନେ ଧାଡ଼ିରେ ଯାଇ ଦର୍ଶନ ଓ ପୂଜା କରିଥିଲେ। ଦର୍ଶନ ଓ ଭୋଗଧାଡ଼ି ଅଲଗା କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ପର୍ବ ପାଳନ ହେବ। ୭ ଦିନ ଧରି ମା'ଙ୍କର ସୁନାବେଶ ସହ ମଙ୍ଗଳ ଆଳତି, ମାର୍ଜଣା, ଚଣ୍ଡିପାଠ, ଭାଗବତ ପଠନ ଓ ସତ୍ୟନାରାୟଣ ପୂଜା ରହିଛି। ଚଳିତବର୍ଷ ୮୮ତମ ପର୍ବ ହୋଇଥିବା ବେଳେ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ରାଜେଶ ରୋଶନ ନନ୍ଦ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ।

ବ୍ରହ୍ମପୁରର ସୌଭାଗ୍ୟରତ୍ନ ସାହୁଙ୍କ ଦ୍ୱାରା ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ମହାବିଷୁବ ସଂକ୍ରାନ୍ତି ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଭକ୍ତଙ୍କ ଲାଗି ମନ୍ଦିର ପରିସରରେ ତାର୍ପୋଲିନ ଛାଉଣି ସହ ଅସ୍ଥାୟୀ ଟେଣ୍ଟ ଓ ଶୃଙ୍ଖଳା ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ପାଲା ମଣ୍ଡପ ଘଟଗାଁ ବଜାରଠାରେ ପ୍ରବଚନ ଓ ସକାଳ ପର୍ଯ୍ୟନ୍ତ ବାଦିପାଲା ୭ ଦିନ ଧରି ଅନୁଷ୍ଠିତ ହେବ। ଭକ୍ତଙ୍କ ଶୃଙ୍ଖଳା ଦର୍ଶନ ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ପୋଲିସ, ମନ୍ଦିର କର୍ମଚାରୀ ଓ ସୁରକ୍ଷା କର୍ମୀ ନିଯୁକ୍ତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରିଚକିଆ ଯାନ ପାର୍କିଂ ଲାଗି ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିସରରେ ପାନୀୟ ଜଳ ବ୍ୟବସ୍ଥା ସହ ଅଂଶୁଘାତ ଶିବିର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଗ୍ନିଶମ ବିଭାଗ କର୍ମଚାରୀ ରହିଛନ୍ତି। ମନ୍ଦିର ପରିସରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

ଏହି ଅବସରରେ ଭକ୍ତଙ୍କ ଅଙ୍ଗେଲିଭା ଅନୁଭୂତିକୁ ନେଇ ଏକ ଅନୁଭୂତିରେ ମା' ତାରିଣୀଙ୍କ ପୁସ୍ତକ ଦେବୋତ୍ତର କମିଶନର ଉନ୍ମୋଚନ କରିଥିଲେ। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଡିଆଇ ସମ୍ବଲପୁର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଚଳିତବର୍ଷ ଚଇତିପର୍ବ ଓ ପଣା ସଂକ୍ରାନ୍ତି ପାଇଁ ଲାଇଟ ସାଜସଜ୍ଜା ଗେଟ୍, ରଙ୍ଗିନ ଆଲୋକମେଳା ଟେଣ୍ଟ ସାଙ୍ଗକୁ ମନ୍ଦିର ପରିସର ଫୁଲ ଓ ଲାଇଟ୍‌ରେ ସଜ୍ଜିତ କରାଯାଇଛି।

# ନାମଲେଖାରୁ ବଞ୍ଚିତ ଛାତ୍ରୀଛାତ୍ର

## ଉପଜିଲାପାଳ, ଶିକ୍ଷା ଅଧିକାରୀଙ୍କଠାରେ ଫେରାଦ ହେଲେ ଅଭିଭାବକ



ଅଭିଭାବକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ଚମ୍ପୁଆ, ୯।୪ (ମହେଶ୍ୱର ଦାସ)

ଚମ୍ପୁଆ ବ୍ଲକର ଉପାନ୍ତ ଅଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ଗୋଧୂଳି ଗ୍ରାମର ଅଭିଭାବକମାନେ ନବମ ଶ୍ରେଣୀରେ ନାମଲେଖାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ମଙ୍ଗଳବାର ଉପଜିଲାପାଳ ଓ ଶିକ୍ଷା ଅଧିକାରୀଙ୍କଠାରେ ଫେରାଦ ହୋଇଛନ୍ତି। ନିଜ ଗ୍ରାମ ବିଦ୍ୟାଳୟରୁ ଅଷ୍ଟମ ପାସ୍ କରି ନିକଟସ୍ଥ ବିଦ୍ୟାଳୟଗୁଡ଼ିକରେ ନାମଲେଖାରୁ ବଞ୍ଚିତ ହେବା ପରେ ପିଲାମାନେ କିପରି ପାଠ ପଢ଼ି ପାରିବେ ସେନେଇ ଅଭିଭାବକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସରକାରୀ ବିଦ୍ୟାଳୟରେ ସିଟ୍ ଅଭାବରୁ ନାମଲେଖାରୁ ବଞ୍ଚିତ ନେଇ ଆଦିବାସୀ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ଗାଁ ବିଦ୍ୟାଳୟରୁ ୮ମ ଶ୍ରେଣୀ ପାସ୍ କରିବା ପରେ ସେମାନଙ୍କ ପିଲାମାନେ ସ୍ଥାନୀୟ ସରକାରୀ ମହତାବ ଉଚ୍ଚ ବିଦ୍ୟାଳୟରେ ନାମଲେଖା ପାଇଁ ଆବେଦନ କରି ପ୍ରବେଶିକା ପରୀକ୍ଷା ଦେଇଥିଲେ। ନବମ ଶ୍ରେଣୀରେ ୧୬ଟି ଖାଲି ସିଟ୍ ପାଇଁ ୬୦ ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ। ତେବେ ଅବଶିଷ୍ଟ ପିଲା କେଉଁଠି ନାମ ଲେଖାଇବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ବେସରକାରୀ ବିଦ୍ୟାଳୟରେ ପଢ଼ାଇବାକୁ ସେମାନେ ଅସମର୍ଥ ବୋଲି ପ୍ରକାଶ କରିଛନ୍ତି।

ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଅଭିଭାବକ ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସହକାରୀ ଜିଲାପାଳ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାହୁ କହିଛନ୍ତି, କେହି ବି ପାଠପଢ଼ାରୁ ବଞ୍ଚିତ ହେବେ ନାହିଁ। ଏ ବାବଦରେ ସେ ମହତାବ ଉଚ୍ଚ ବିଦ୍ୟାଳୟ, ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଜଗନ୍ନାଥପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କ ସହ କଥା ହେବେ। ନାମଲେଖାରୁ ବଞ୍ଚିତ ପିଲାମାନଙ୍କର କିପରି ନାମ ଲେଖାଯାଇପାରିବ ସେନେଇ ଆଲୋଚନା କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଅଭିଭାବକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଭାଇଚାରା ବଜାୟ ରଖି ପର୍ବ ପାଳିବାକୁ ଗୁରୁତ୍ୱ



ଶାନ୍ତି କମିଟି ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

## ରାମନବମୀ, ଇଦ୍ ପାଇଁ ଶାନ୍ତି କମିଟି ବୈଠକ

ଚମ୍ପୁଆ, ୯।୪ (ମହେଶ୍ୱର ଦାସ)

ରାମନବମୀ ଉତ୍ସବ ଓ ଇଦ୍ ପାଇଁ ଚମ୍ପୁଆ ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଧରଣୀଧର ଭବନଠାରେ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାମନବମୀ ଓ ଇଦ୍‌କୁ ସାମ୍ପ୍ରଦାୟିକ ସଦ୍‌ଭାବନା, ଭାଇଚାରା ମଧ୍ୟରେ ପାଳନ କରିବାକୁ ଥାନା ଅଧିକାରିଣୀ ସୁଶ୍ରୀ ନାଏକ ଅନୁରୋଧ କରିଥିଲେ। ସ୍ଥାନୀୟ ଲୋକପର୍ବ ପାଳନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ସମସ୍ୟା ନ ହେବା ଓ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଚମ୍ପୁଆ ଏକ ଶାନ୍ତିପୂର୍ଣ୍ଣ ଭାଇଚାରାର ସହର ହୋଇଉଠିଥିବା ବେଳେ ପୂର୍ବବର୍ଷ ଭଳି ଭାଇଚାରା ବଜାୟ ରଖି ସାମ୍ପ୍ରଦାୟିକ ଭାବନାରୁ ଉର୍ଦ୍ଧ୍ୱରେ ରହି ମିଳିତ ସହଯୋଗରେ ଉଭୟ ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ଏସ୍‌ଡିପିଓ ପରାମର୍ଶ ଦେଇଛନ୍ତି।

ଥାନା ଅଧିକାରିଣୀ ଦେବକୀ ନାଏକ ବୈଠକ ପରିଚାଳନା କରିଥିଲେ। ବାର୍ ଆସୋସିଏଶନ ସଭାପତି ହରେକୃଷ୍ଣ ମିଶ୍ର, ବରିଷ୍ଠ ନାଗରିକ ସତ୍ୟବାନ କର, ରାଜେଶ ଆଚାର୍ଯ୍ୟ, ସଞ୍ଜୟ କୁମାର ଗିରି, ଏମ୍.ଡି. ମହତାବ, ଏମ୍.ଡି. ଫେୟାଜ, ରାମ ମନ୍ଦିର କମିଟି ସଭାପତି ଜୟ ସୁକଲାଲ ଚାଉଡା, ସମ୍ପାଦକ ଦୀପକ କୁମାର ସାହୁ, ମନୋଜ ସାହୁ, ଗଙ୍ଗାଧର କର, ଏମ୍.ଡି. ଗୁଫରାନ, ପ୍ରକାଶ ଚନ୍ଦ୍ର କୁଣ୍ଡୁ, ବିଜୟ କୁମାର ମିଶ୍ରଙ୍କ ସହ କାଉନସିଲର ଛତ୍ରପତି ନାଏକ, ସତ୍ୟଜିତ ନାଏକ, ସାରିକ ରସିଦ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ମହୁମାଛି ଆକ୍ରମଣରେ ୧୫ରୁ ଉର୍ଦ୍ଧ୍ୱ ଆହତ

ପାଟଣା, ୯।୪ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ବଜାରରେ ମଙ୍ଗଳବାର ପୂର୍ବାହ୍ନରେ ମହୁମାଛି ଆକ୍ରମଣରେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ କଲେଜ ଛାତ୍ରୀଛାତ୍ର ଓ ବିଦ୍ୟୁତ୍ କାର୍ଯ୍ୟାଳୟର ୩ କର୍ମଚାରୀ ଅଛନ୍ତି। ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ଥିବା ଏକ ଦେବଦାରୁ ଗଛ ଡାଳରେ ବାଘୁଆ ମହୁମାଛି ବସା ବାନ୍ଧିଥିବା ବେଳେ ଏକ ବାଜ ଖୁମ୍ପି ଦେବାରୁ ଆକ୍ରମଣାତ୍ମକ ହୋଇଥିଲେ। ତୁରୁମୁଙ୍ଗା କଲେଜ ରାସ୍ତାରେ ଛାତ୍ରୀଛାତ୍ର ଯାଉଥିବା ସମୟରେ ମହୁମାଛି ଆକ୍ରମଣ କରିଥିଲା। ସେହିପରି ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଆସିଥିବା ଲୋକେ ମଧ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି।

# ତାରିଣୀ ମନ୍ଦିରର ବାର୍ଷିକୋତ୍ସବ

ଯୋଡ଼ା, ୯।୪ (ମାନସ ମହାନ୍ତି)

ଯୋଡ଼ା ବ୍ଲକର ଜରିବାହାଲ ବିଆଇଏଲ୍‌ସ୍ଥିତ ତାରିଣୀ ମନ୍ଦିରର ୨୫ତମ ବାର୍ଷିକୋତ୍ସବ ପାଳନ କରାଯାଇଛି। ମା' ତାରିଣୀ ଲୋଡିଂ କଣ୍ଟ୍ରାକ୍ଟର ସଂସ୍ଥା ପକ୍ଷରୁ ଆୟୋଜିତ ଏହି ବାର୍ଷିକୋତ୍ସବ ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ପୂର୍ଣ୍ଣାହୁତି ହେବ। ଯାଜପୁର ଜିଲା ନୂଆପଦା ଅଞ୍ଚଳର ପଣ୍ଡିତ ନିରଞ୍ଜନ ପଣ୍ଡା ଓ ମନ୍ଦିର ମୁଖ୍ୟ ପୂଜକ ନୀଳମାଧବ ପଣ୍ଡା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରୁଛନ୍ତି। ସୋମବାର ସକାଳ ୮ଟାରେ କଳସ ଯାତ୍ରା, କୁଣ୍ଡ ସଂସ୍କାର, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ଅପରାହ୍ନରେ ମୂଳମନ୍ତ୍ରରେ ହୋମ, ସନ୍ଧ୍ୟା ଆଳତି, ନାମ ସଂକୀର୍ତ୍ତନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସମସ୍ତ ପୂଜାବିଧି ସହ ଚଣ୍ଡୀ ପାଠ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସଂସ୍ଥା ମୁଖ୍ୟ ସୁରେନ୍ଦ୍ର ନାଥ ମହାନ୍ତି ପରିଚାଳନା କରୁଥିବା ବେଳେ ଶିବନାରାୟଣ, ପ୍ରଭୁରଞ୍ଜନ ଶତପଥୀ, ସୋନୁ ଘୋଷ, ଲାଲା ଜୟସୱାଲ ପ୍ରମୁଖ ସହଯୋଗ କରିଛନ୍ତି।

# ପାଣି ପାଇଁ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

ଯୋଡ଼ା, ୯।୪ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବାଲାଗୋଡ଼ା ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଓ ସୋଲାର ଲାଇଟ୍ ଯୋଗାଣ ନିମନ୍ତେ ଅଞ୍ଚଳବାସୀ ବିଡିଓଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ଗ୍ରାମ ପଞ୍ଚାୟତର ବାଲାଗୋଡ଼ା ନାଏକ ସାହିରେ ପ୍ରାୟ ୮୦ରୁ ଅଧିକ ଲୋକ ବସବାସ କରନ୍ତି। ପାନୀୟ ଜଳ ପାଇଁ ଦୀର୍ଘ ବର୍ଷ ହେବ ଅଞ୍ଚଳବାସୀ ଗୋଟିଏ ନଳ କୂପ ଉପରେ ନିର୍ଭର କରି ଆସୁଛନ୍ତି। ପଞ୍ଚାୟତର ଅନ୍ୟ ସାହିରେ ସରକାରଙ୍କ ସୋଲାର ସିନ୍ଟେକ୍ସ ଟ୍ୟାଙ୍କ ଲାଗିଛି। ମାତ୍ର ଏହି ସାହିରେ ଗୋଟିଏ ହେଲେ ବି ସୋଲାର ସିନ୍ଟେକ୍ସ ଟ୍ୟାଙ୍କ ଲଗାଯାଇ ନାହିଁ। ଫଳରେ ଏତେ ସଂଖ୍ୟକ ଲୋକ ଖରାଦିନେ ପାନୀୟ ଜଳ ଅଭାବରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କିଛି ସୁଫଳ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ବ୍ଲକ ପକ୍ଷରୁ ପ୍ରତି ଗାଁକୁ ନୂତନ ଭାବେ ସୋଲାର ଷ୍ଟ୍ରିଟ ଲାଇଟ ଆସିଥିଲେ ହେଁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ପାତର ଅନ୍ତର କରି ନାଏକ ସାହିରେ ଗୋଟିଏ ହେଲେ ବି ସୋଲାର ଷ୍ଟ୍ରିଟ ଲାଇଟ ଲଗାଇ ନାହାନ୍ତି। ସରପଞ୍ଚ ରାଜନୈତିକ ଶତ୍ରୁତା ରଖି ଅଞ୍ଚଳରେ କିଛି ବି ବିକାଶ ମୂଳକ କାର୍ଯ୍ୟ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର ଏହାର ସମାଧାନ କରା ନ ଗଲେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଗ୍ରାମର ଶୈଳେନ୍ଦ୍ରୀ ନାଏକ, ଦିପାସା ନାଏକ, ଜ୍ୟୋତ୍ସ୍ନାରାଣୀ ମହାନ୍ତ, ଖିଲାନରାଣୀ ମହାନ୍ତ, ଉଷାରାଣୀ ନାଏକଙ୍କ ସମେତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ରିପୋର୍ଟ ମାଗିଲେ ଏନ୍ଏଚ୍ଆର୍‌ସି

## ୨ ଛାତ୍ରଙ୍କ ଉପରେ ପାଇଖାନା ଛାତ ଖସି ପଡ଼ିବା ଘଟଣା

କେନ୍ଦୁଝର, ୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ପରିତ୍ୟକ୍ତ ପାଇଖାନା ଛାତ ଖସି ୨ ଛାତ୍ର ଗୁରୁତର ହେବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ମାଗିଛନ୍ତି। ଶିକ୍ଷା ବିଭାଗ ସଚିବ, କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କୁ କମିଶନ ଏହି ରିପୋର୍ଟ ମାଗିଛନ୍ତି। କେସ ନମ୍ବର ୪୧୫/୨୦୨୪ର ଶୁଣାଣି କରି କମିଶନ ୪ ସପ୍ତାହ ମଧ୍ୟରେ ଏହାର ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ରିପୋର୍ଟ ତଲବ କରିଥିବା ଜଣାପଡ଼ିଛି। ଗତ ଫେବୃୟାରୀ ୧୮ରେ ପାଇଖାନା ଛାତ ଖସି ପଡ଼ିଥିଲା। ଆହତ ଛାତ୍ର ସନ୍ତୋଷ କାରୁଆ ଓ ରାଜା ନାଏକଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପରିତ୍ୟକ୍ତ ପାଇଖାନା ଘର ଭାଙ୍ଗିବା ପାଇଁ କହିଥିଲେ। କାନ୍ଥ ଭାଙ୍ଗିବା ବେଳକୁ ଛାତ ଖସି ପଡ଼ିବାରୁ ସେମାନେ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରି ଆହତମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ କରିବାକୁ ନିବେଦନ କରିଥିଲେ। କମିଶନ ଡାଏରୀ ନମ୍ବର ୨୮୧୫/୨୦୨୪ରେ ଅଭିଯୋଗକୁ ଗ୍ରହଣ କରିଥିଲେ।

# ପାର୍କ କାମ ଅଧାପନ୍ତରିଆ, ତେଜୁଛି ଅସନ୍ତୋଷ



ଅଧାପନ୍ତରିଆ ହୋଇ ପଡ଼ିରହିଥିବା ପାର୍କ।

କେନ୍ଦୁଝର, ୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ଗ୍ରାମରେ ଜିଲା ଖଣିଜ ପାଣ୍ଠିରୁ ପ୍ରାୟ ୨୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ପାର୍କ ୬ ମାସ ହେବ ଅଧାପନ୍ତରିଆ ହୋଇ ପଡ଼ିରହିଛି। କାମ ଅଧାରେ ଛାଡ଼ି ଠିକାଦାର ଚ୍ଛୁ ମାରିଥିବା ବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗ୍ରାମବାସୀଙ୍କ ଅବସର ବିନୋଦନ ପାଇଁ ଏହି ପାର୍କ କାମ ଆରମ୍ଭ କରାଯାଇଥିଲା। ମାତ୍ର ପାଚେରି ନିର୍ମାଣ ଓ ପାର୍କ ଭିତରେ ଫେବର ବ୍ଲକ କାମ କରାଯାଇ କାମକୁ ଅଧାପନ୍ତରିଆ ଭାବେ ପକାଇ ରଖାଯାଇଥିବା ଅଭିଯୋଗ ହୋଇଛି। ପାର୍କ ମଝିରେ ଏକ ବିରାଟ ଗାତ ଖୋଳାଯାଇ କାମ ବନ୍ଦ ରହିଥିବାରୁ ତାହା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପାର୍କର ଅର୍ଦ୍ଧାଧିକ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ କାମରେ ଲାଗୁ ନ ଥିବା ଏବଂ ଖର୍ଚ୍ଚ ହେଉଥିବା ଅର୍ଥ ପାଣିରେ ପଡ଼ିଲା ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ପାର୍କ ନିର୍ମାଣ କାମ ଶେଷ କରିବା ପାଇଁ ସ୍ଥାନୀୟ ଲୋକେ ଜିଲାପାଳଙ୍କଠାରେ ଦାବି କରିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ପାଲଟିଛି ସିମେଣ୍ଟ ଗୋଦାମ

## ବ୍ଲକ କାର୍ଯ୍ୟାଳୟରେ ଫାଇଲ ମିଳୁନି

ହାଟଡିହୀ, (ଶୁଭକାନ୍ତ ନାୟକ)/ ସୋସୋ (ସତ୍ୟବ୍ରତ ଜେନା) ୯।୪

ଅଧିକାରୀମାନଙ୍କ ଦାୟିତ୍ୱହୀନତା ଏବଂ କାର୍ଯ୍ୟାନୁଷ୍ଠାନ ଅଭାବରୁ ବହୁ ସମୟରେ ସରକାରୀ ଯୋଜନା ଦିଗହରା ହେଉଛି। ଫଳରେ ନାନା ସମସ୍ୟା ଉପୁଜୁଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ ସୋସୋ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମରେ ୫ ବର୍ଷ ହେବ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଥିଲେ ମଧ କାମରେ ଲାଗି ପାରୁନାହିଁ। ଆଶ୍ଚର୍ଯ୍ୟର କଥା ଏହି ପ୍ରକଳ୍ପର ଫାଇଲ ବ୍ଲକ କାର୍ଯ୍ୟାଳୟରେ ମିଳୁନାହିଁ। ଫଳରେ ଏହି ନୂତନ ଅଙ୍ଗନୱାଡି କେନ୍ଦ୍ର ଏବେ ସିମେଣ୍ଟ ଗୋଦାମ ପାଲଟିଛି।



କାମରେ ଲାଗୁ ନ ଥିବା ନୂତନ ଅଙ୍ଗନୱାଡି କେନ୍ଦ୍ର।

ସୂଚନା ଅନୁଯାୟୀ, ସୋସୋ ଗ୍ରାମରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ୫ ବର୍ଷ ହେଲା ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଅଙ୍ଗନୱାଡି କେନ୍ଦ୍ର-୧ ନିର୍ମାଣ ହୋଇଛି। ମାତ୍ର ଏହା କାର୍ଯ୍ୟକ୍ଷମ ହୋଇପାରୁନି। ଏହି ଗୃହ ନିର୍ମାଣ ସମ୍ପର୍କିତ କୌଣସି ସୂଚନା ଫଳକ ନାହିଁ। ଗୃହ ନିର୍ମାଣ କରିଥିବା ବ୍ୟକ୍ତି ଜଣକ ନିର୍ମାଣ କାର୍ଯ୍ୟ ବାବଦରେ ବିଲ୍ ପାଇ ନ ଥିବାରୁ ଏହା ବ୍ଲକ କିମ୍ବା ପଞ୍ଚାୟତକୁ ହସ୍ତାନ୍ତର ହୋଇପାରିନି। ଏବେ ଏହି ନୂତନ ଅଙ୍ଗନୱାଡି କେନ୍ଦ୍ର ସିମେଣ୍ଟ ଗୋଦାମ ପାଲଟିଛି। ଯାହାକି ଅସନ୍ତୋଷର କାରଣ ସାଜିଛି। ଅନ୍ୟ ଏକ ଅଙ୍ଗନୱାଡି କେନ୍ଦ୍ର ଭଙ୍ଗା ଦଦରା ବିପଦସଂକୁଳ ଚାଇଲ୍ଡ କେୟାର ସେଣ୍ଟରରେ ଚାଲିଛି। ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଠାରେ ପଢୁଛନ୍ତି। ସରକାର ଶିଶୁମାନଙ୍କର ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହାର ସଫଳ ରୂପାୟନ ହୋଇପାରୁନି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ କୁହନ୍ତି, ଦୀର୍ଘ ବର୍ଷ ହେଲା ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସରିଛି । କିନ୍ତୁ ତାହା କାମରେ ଲାଗୁନାହିଁ। ପ୍ରଶାସନିକ ଅବହେଳା ପାଇଁ ଏହା ଏବେ ସିମେଣ୍ଟ ଗୋଦାମ ଗୃହ ପାଲଟିଛି। ଯନ୍ତ୍ରୀ ହାଡିବନ୍ଧୁ ଟୁଡୁଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଫାଇଲ ମିଳୁନି। ତେଣୁ କାର୍ଯ୍ୟ ସମ୍ବନ୍ଧରେ କିଛି କହି ପାରିବିନି। ୭ ବର୍ଷ ହେବ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ଶୁଣିଛି। ଏ ବାବଦରେ ବିଡିଓଙ୍କୁ ଜଣାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ବାହାନଗା, ୯।୪(ଅରୂପ କୁମାର ଦାସ)**

ବାହାନଗା ତହସିଲ କାର୍ଯ୍ୟାଳୟର ଦେଢଶହ ମିଟର ଦୂରରେ ଏକ ବାଇକ୍ ସାଇକେଲରେ ଆସୁଥିବା ଜଣେ ନବମ ଛାତ୍ରଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ତଥା ଅରଳା ଗ୍ରାମର ଜିତେନ୍ଦ୍ର ଦାସଙ୍କ ପୁଅ ଶିବାନୀ ଦାସ (୧୪)। ବିଦ୍ୟାଳୟ ଛୁଟି ହେବା ପରେ ସେ ଘରକୁ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଉକ୍ତ ବାଇକ୍ ଏକ ମାଟି ବୋଝେଇ ଟ୍ରାକ୍ଟରକୁ ସାଇଡ୍ ଦେବା ବେଳେ ଶିବାନୀଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ସେ ସାଇକେଲ ସହିତ ତଳେ ପଡିଯାଇଥିଲେ। ଫଳରେ ଶିବାନୀଙ୍କ ଉପରେ ବାଇକ୍ ଚଢିଯିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ଲୋକେ ଉଦ୍ଧାର କରି ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

### ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାଜନିତ ପରୀକ୍ଷା ଲାଗି ଧାର୍ଯ୍ୟ

**ବାଲେଶ୍ୱର, ୯।୪(ମାନସ ବିଶ୍ୱାଳ)**

ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିର୍ବାଚନ ଡ୍ୟୁଟିରୁ ବାଦ୍ ଦେବା ପାଇଁ ଆବେଦନ କରିଥିବା ପୋଲିଂ କର୍ମଚାରୀଙ୍କ ନିମନ୍ତେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଡାକ୍ତରୀ ପରୀକ୍ଷା କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଏକ ମେଡିକାଲ ବୋର୍ଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ୍, ଅସ୍ଥିଶଲ୍ୟ ଓ ସର୍ଜରୀ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ଗଠନ କରାଯାଇଛି। ଏହି ମେଡିକାଲ ବୋର୍ଡ ଆସନ୍ତା ବୁଧବାର ପୂର୍ବାହ୍ନ ୯ଟାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧୨ଜଣ ଆବେଦନକାରୀଙ୍କ ସ୍ୱାସ୍ଥ୍ୟଗତ ଜନିତ ସତ୍ୟତା ସମ୍ବନ୍ଧେ ଡାକ୍ତରୀ ପରୀକ୍ଷା କରିବାର ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ଜିଲାର ସମସ୍ତ ୧୨ଟି ବ୍ଲକର ୫୦୦ରୁ ଅଧିକ ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଅନୁପସ୍ଥିତ ରହିଥିବା ୧୦୧ ଅଧିକାରୀଙ୍କୁ ମଧ୍ୟ ମେଡ଼ିକାଲ ବୋର୍ଡ଼ ସମ୍ମୁଖରେ ବୁଧବାର ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପୋଲିଂ ଅଧିକାରୀ ଶାରୀରିକ ଭାବେ ସୁସ୍ଥ ଏବଂ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମତା ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପୋଲିଂ ଅଧିକାରୀମାନଙ୍କୁ ସମସ୍ତ ଆବଶ୍ୟକ ଡାକ୍ତରୀ କାଗଜପତ୍ର ଓ ରିପୋର୍ଟ ସହ ନିର୍ଦ୍ଧାରିତ ତାରିଖ ଓ ସମୟରେ ମେଡିକାଲ ବୋର୍ଡ଼ରେ ହାଜର ହେବାକୁ ପରାମର୍ଶ ଦିଆଯାଇଛି। ବୋର୍ଡ଼ ପ୍ରତ୍ୟେକ ମାମଲାକୁ ସତର୍କତାର ସହ ଅନୁଧ୍ୟାନ କରି ଏହାର ବୃତ୍ତାନ୍ତ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରିବ।

### ଭଜନ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କୁ ଶ୍ରଦ୍ଧାଞ୍ଜଳି

**ରୂପସା, ୯।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ବସ୍ତା ବ୍ଲକ ଅଧୀନ ଅମର୍ଦ୍ଦାରୋଡ଼ସ୍ଥିତ ସିଦ୍ଧେଶ୍ୱର ସଙ୍ଗୀତ ନୃତ୍ୟ ମହାବିଦ୍ୟାଳୟ ପକ୍ଷରୁ ଭଜନ କଣ୍ଠଶିଳ୍ପୀ ସ୍ୱର୍ଗତ ଶାନ୍ତିଲତା ବାରିକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶକ ତାପସ କୁମାର ବେହେରା ସଭାରେ ପୌରୋହିତ୍ୟ କରି ଦିବଂଗତ ଆତ୍ମାଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଡା. ଅମର କୁମାର ପରିଡ଼ା, ମୁଖ୍ୟବକ୍ତା ମଧୁସୂଦନ ଭକ୍ତା, ସମ୍ମାନିତ ଅତିଥି ଭାବେ ନୃତ୍ୟଗୁରୁ ତାରାକାନ୍ତ ବେହେରା, ଚିତ୍ରଶିଳ୍ପୀ ଗୁରୁମା ଶୁଭସ୍ମିତା ନାୟକ, ତବଲା ବାଦକ ଗୁରୁ ରଞ୍ଜିତ କୁମାର ଜେନା, ପରିଚାଳିକା ବନିତା ରାଉଳ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ସଙ୍ଗୀତ ଜୀବନର ସଫଳତା ଉପରେ ଅଭିଭାଷଣ ରଖିଥିଲେ। ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ବରିଷ୍ଠ ନାଗରିକ ଗଣଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଦେଇଥିଲେ।

# ସୁରକ୍ଷା ଦାବିରେ ମାଦଳ ବଜାଇ ଶୋଭାଯାତ୍ରା



ତହସିଲ ଅଫିସ ସମ୍ମୁଖରେ ଆଦିବାସୀମାନେ।

## ତହସିଲ କାର୍ଯ୍ୟାଳୟରେ ଏକାଠି ହେଲେ ୫ହଜାର ଆଦିବାସୀ

**ଜଳେଶ୍ୱର, ୯।୪ (ନବୀନ ସାହୁ/ ରବିନାରାୟଣ ପାତ୍ର)**

ଆଦିବାସୀଙ୍କ ସୁରକ୍ଷା ଦାବିରେ ମଙ୍ଗଳବାର ମାଝି ପାରଗନା ମାହଲ୍ ସଙ୍ଗଠନ ପକ୍ଷରୁ ଜଳେଶ୍ୱର ବ୍ଲକ ଅଧୀନରେ ବାସ କରୁଥିବା ସମସ୍ତ ମାଝୀ ଭଉଣୀ ଭାଇ ବଡ଼ବଜାରଠାରୁ ଏକ ଶୋଭାଯାତ୍ରା ବାହାରିଥିଲେ। ୪ହଜାରରୁ ୫ ହଜାର ଆଦିବାସୀ ମାଦଳ ଓ ବାଜା ବଜେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ୪ହଜାରରୁ ୫ ହାଜର ଆଦିବାସୀ ସାମିଲ ଥିଲେ।

ଜଳେଶ୍ୱର ତହସିଲ ଅନ୍ତର୍ଭୁକ୍ତ ଗ୍ରାମରେ ଦୀର୍ଘଦିନ ଧରି ବାସ କରି ଆସୁଥିବା ଅନୁସୂଚିତ ଜନଜାତିଙ୍କୁ ଘରବାଡ଼ି ପଟ୍ଟା ପ୍ରଦାନ କରାଯିବା, ଆଦିବାସୀମାନଙ୍କର ସଂସ୍କୃତି ବିକାଶ ପାଇଁ ସାର୍ନାଧର୍ମ ଯାହିରା ଠାକୁରାଣୀଙ୍କ ଜାଗା ଚିହ୍ନଟ କରି ରେକର୍ଡ଼ ପଟ୍ଟା ପ୍ରଦାନ କରାଯିବା, ଆଦିବାସୀଙ୍କ ପାଇଁ ସାମ୍ବିଧାନିକ ଅଧିକାର ଜଳ, ଜମି, ଜଙ୍ଗଲ ବିଗତ ଭୂବନ୍ଦୋବସ୍ତଠାରୁ ଗତ ୨୦୨୩ ମସିହା ମଧ୍ୟରେ ଯେଉଁ ଆଦିବାସୀମାନେ ଜଙ୍ଗଲ ଆବଦ୍ଧ କରିଛନ୍ତି ତଥା ଜଙ୍ଗଲ ଜାଗାକୁ ଆବାଦ କରିଥିବା ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବା, ଆଦିବାସୀମାନଙ୍କର ଦିଆଯାଉଥିବା ଜାତି ପ୍ରମାଣପତ୍ର ସମ୍ବିଧାନର ପାରମ୍ପରିକ ଗ୍ରାମଶୋଭାର ମାଝି ବାବାଙ୍କ ତଦନ୍ତ ଓ ସ୍ୱାକ୍ଷର ଆଧାର କରି ଜାତିଗତ ପ୍ରମାଣ ଦିଆଯିବା ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ଜଳେଶ୍ୱରର ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଅଭୟ କୁମାର୍ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିର ନକଲ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜଳେଶ୍ୱର ବିଡିଓଙ୍କୁ ଏବଂ ଜଳେଶ୍ୱର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବାଲେଶ୍ୱର ଜିଲା ସଭାପତି ବୁଦ୍ଧିରାମ ମାଝି, ଜିଲା ଉପସଭାପତି ଦୁଃଖିରାମ ମାଝି, ବ୍ଲକ ସଭାପତି ନବୀନ ହାଁସଦା, ବ୍ଲକ ଉପସଭାପତି କାହ୍ନୁଚରଣ ମୁର୍ମୁଙ୍କ ସହିତ ବିକ୍ରମ ଟୁଡୁ, ସମ୍ବରାଇ ହାଁସଦା, ରାମଚନ୍ଦ୍ର ସୋରେନ, ରଘୁନାଥ ହେମ୍ବ୍ରମ୍, ରାମଚନ୍ଦ୍ର ବେଶ୍ରା, ରାମଜିତ୍ ଟୁଡୁ, ଗଣେଶ ସୋରେନଙ୍କ ସହିତ ବହୁ ଆଦିବାସୀ ଭଉଣୀ ଭାଇ ଉପସ୍ଥିତ ଥିଲେ।

# ସରକାରୀ ଜାଗାରୁ ଦଳୀୟ ହୋର୍ଡିଂ, ବ୍ୟାନରକୁ ହଟାଇଲା ପ୍ରଶାସନ

**ବାଲିଆପାଳ, ୯।୪(ଗୋପାଳ ଚନ୍ଦ୍ର ସାହୁ)**



କାନ୍ଥ ଲେଖାକୁ ଲିଭାଯାଉଛି।

ସାଧାରଣ ନିର୍ବାଚନ ପାଇଁ ଦିନ କମି କମି ଆସୁଥିବା ବେଳେ ଦଳୀୟ ପ୍ରଚାର ଧୀରେ ଧୀରେ ବଢିବାରେ ଲାଗିଛି। ଏପରିକି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଦଳୀୟ ହୋର୍ଡ଼ିଂ, ବ୍ୟାନରକୁ ବ୍ଲକ ପ୍ରଶାସନ ପୂର୍ବରୁ ହଟାଇଥିବା ବେଳେ ମଙ୍ଗଳବାର ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଅଭିଯୋଗ ପାଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଥିବା ସରକାରୀ ଘର, ଦୁର୍ଗାମଣ୍ଡପ ଓ ଅନ୍ୟାନ୍ୟ କେତେକ ସ୍ଥାନରେ ବିନା ଅନୁମତିରେ ଦଳୀୟ ପ୍ରଚାର ପାଇଁ କାନ୍ଥରେ ଲେଖାଯାଇଥିବା ପ୍ରାର୍ଥୀଙ୍କ ନାମ ଓ ଦଳୀୟ ନିର୍ବାଚନୀ ଚିହ୍ନକୁ ନିଜେ ଉପସ୍ଥିତ ରହି ବ୍ଲକ କର୍ମଚାରୀଙ୍କ ସହଯୋଗରେ ଲିଭାଇଛନ୍ତି।

ଏ ସମ୍ପର୍କରେ ବାଲିଆପାଳ ବିଡ଼ିଓ ପଣ୍ଡା କହିଛନ୍ତି ଯେ, ଯେକୌଣସି ରାଜନୈତିକ ଦଳ ସରକାରୀ ଜାଗାରେ ହୋର୍ଡ଼ିଂ କି କାନ୍ଥରେ ଦଳୀୟ ଚିହ୍ନ କିମ୍ବା ପ୍ରାର୍ଥୀଙ୍କ ନାମ ଲେଖିପାରିବେ ନାହିଁ। ଏପରିକି ବ୍ୟକ୍ତିଗତ ଜାଗାରେ ପ୍ରଚାର ପାଇଁ ହୋର୍ଡିଂ କି କାନ୍ଥ ଲିଖନ ପାଇଁ ଅନୁମତିପତ୍ର ଜରୁରୀ। ତାହା ନ ଥିଲେ ତାକୁ ଲିଭାଇ ଦିଆଯିବ। ବାଲିଆପାଳ ପରେ ମଧ୍ୟ ଅନ୍ୟ ସ୍ଥାନରୁ ଅଭିଯୋଗ ଆସିଛି। ସବୁ ସ୍ଥାନରୁ ବେଆଇନ ପ୍ରଚାର ପାଇଁ କାନ୍ଥ ଲିଖନ ଓ ହୋର୍ଡିଂ ସବୁକୁ ହଟାଇ ଦିଆଯିବ।

# ଖଇରାରେ ଭାଜପାର ପ୍ରଚାର ଆରମ୍ଭ

## ବାଇକ ଶୋଭାଯାତ୍ରାରେ ବିକଶିତ ଭାରତର ବାର୍ତ୍ତା



କୁପାରୀ ରାସ୍ତାରେ ଭାଜପାର ବାଇକ୍ ରାଲି।

**ଖଇରା, ୯।୪(ଉତ୍କଳବନ୍ଧୁ ପଣ୍ଡା)**

ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକରେ ମଙ୍ଗଳବାର ଭାଜପାର ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଓ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପ୍ରଚାର ଆରମ୍ଭ କରିଛନ୍ତି। ଏକ ବାଇକ ଶୋଭାଯାତ୍ରା ମାଧ୍ୟମରେ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ବିକଶିତ ଭାରତର ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରଥମେ ଉଭୟ ପ୍ରାର୍ଥୀଙ୍କ ସମେତ ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ, ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ, ଖଇରା ମଣ୍ଡଳ ସଭାପତି ରାଜେଶ କୁମାର ରାଉତ, ସାଧାରଣ ସମ୍ପାଦକ ନୀଳାମ୍ବର ପଣ୍ଡା ପ୍ରମୁଖ ଏକ ଖୋଲା ଜିପରେ ରକ୍ତତୀର୍ଥ ତୁଡିଗଡିଆରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ। କର୍ମୀମାନେ ଭାଜପାକୁ ଜିତାଇ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ସ୍ଲୋଗାନ ଦେଇଥିଲେ। ତୁଡିଗଡିଆରୁ ବାହାରିଥିବା ଏହି ଶୋଭାଯାତ୍ରା ବର୍ଦ୍ଧନା ପହଞ୍ଚିବା ପୂର୍ବରୁ ଗଣ୍ଡିବେଡ, ଖଇରା, କୁପାରୀ ଓ ବର୍ଦ୍ଧନା ବଜାରରେ ପ୍ରବଳ ଖରାକୁ ଭ୍ରୁକ୍ଷେପ ନ କରି ପ୍ରିୟ ନେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହ ଖଇରା ଦୁର୍ଗାମଣ୍ଡପ ନିକଟରେ କିଛି ସମୟ ରହି ବଜରଙ୍ଗବଲୀଙ୍କର ଆଶିଷ ଭିକ୍ଷା କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା, କୁପାରୀ ସମିତିସଭ୍ୟ ଅକ୍ଷୟ କୁମାର ଜେନା, ଖଇରାର ପୂର୍ବତନ ସମିତିସଭ୍ୟ ବିଷ୍ଣୁପଦ ସାହୁ, ତୁଡିଗଡିଆ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନୃସିଂହ ସିଂ ଓ ଉପସଭାପତି ବୈକୁଣ୍ଠ ସାମଲ, କୁପାରୀ ମଣ୍ଡଳ ସଭାପତି ପତିତପାବନ କର, ଜିଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ଶିବଶଙ୍କର ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କରୁଣାକର ମହାନ୍ତି, ମାୟାଧର କୁଅଁର ପ୍ରମୁଖ ନେତୃବୃନ୍ଦ ନିଜର ବହୁ କର୍ମୀଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ମତାମତ ନେବାରେ ଓଡିଶାବାସୀ ମୋଦି ଗ୍ୟାରେଣ୍ଟି ସହ ଯୋଡି ହୋସାରିଛନ୍ତି। ଏଥର ରାଜ୍ୟରେ ବିଜେଡି ସରକାରର ପତନ ନିଶ୍ଚିତ ବୋଲି କହିଥିଲେ।

# ବିଜେଡିର ବୁଥ୍‌ସ୍ତରୀୟ ବୈଠକ, ମିଶ୍ରଣ ପର୍ବ

**କାଳିପଦା, ୯।୪(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରସ୍ଥିତ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ବାସଭବନରେ ମଙ୍ଗଳବାର ବିଜେଡିର ବୁଥ୍‌ସ୍ତରୀୟ ବୈଠକ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକ ସାଉଡ଼ି ପଞ୍ଚାୟତର ବରିଷ୍ଠ ନେତୃବୃନ୍ଦ ଓ କର୍ମୀଙ୍କୁ ନେଇ ଅନୁଷ୍ଠିତ ବୁଥ୍‌ସ୍ତରୀୟ ବୈଠକ ଏବଂ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ପଞ୍ଚାୟତର ୱାର୍ଡ଼ସ୍ତରୀୟ ନେତୃତ୍ୱଙ୍କ ଦାୟିତ୍ୱ ଏବଂ ଦଳର ସାଙ୍ଗଠନିକ ସ୍ଥିତିର ସମୀକ୍ଷା କରିବା ସହ ଆଗାମୀ ସାଧାରଣ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତର ବହୁ ସକ୍ରିୟ ସଦସ୍ୟ ଭାଜପା ଓ କଂଗ୍ରେସ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ମୁଖ୍ୟଅତିଥି ଜେନା ସ୍ୱାଗତ କରିଥିଲେ। ବୈଠକରେ ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ସାମଲ, ୨୨ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ସାଉଡ଼ି ପଞ୍ଚାୟତ ସଭାପତି ଧିରେନ ମଣ୍ଡଳ, ପଞ୍ଚାୟତ ସମିତିସଭ୍ୟ କମଳାକାନ୍ତ ମଲ୍ଲିକ, ପୂର୍ବତନ ସରପଞ୍ଚ ରଞ୍ଜିତା ଟୁଙ୍ଗ, ପଞ୍ଚାୟତ ଯୁବ ସଭାପତି ଶାନ୍ତନୁ ବେରା, ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରା, ପଞ୍ଚାୟତ ଛାତ୍ର ସଭାପତି ରାଜକିଶୋର ଗୋଛାୟତ ପ୍ରମୁଖ ଦଳର ନେତୃବୃନ୍ଦ ଏବ ବହୁ କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ବିଜେଡି କର୍ମକର୍ତ୍ତା ଓ ଦଳରେ ଯୋଗ ଦେଇଥିବା ନୂତନ କର୍ମୀ।

# କଇଥଗଡିଆରେ ଡାଳପର୍ବ ଉଦ୍‌ଯାପିତ

**ଖଇରା, ୯।୪(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଅଧୀନ କଇଥଗଡିଆ ଆଦିବାସୀ ସମ୍ପ୍ରଦାୟର ପକ୍ଷରୁ ପାଳିତ ହୋଇଆସୁଥିବା ଡାଳପର୍ବ ଚଳିତଥର ଶନିବାର ଓ ରବିବାର ୨ଦିନ ଧରି ପାଳିତ ହୋଇଛି । ଯୁବତୀଯୁବକମାନେ ନିକଟସ୍ଥ ପାହାଡକୁ ଯାଇ ଡାଳକାଟି ଆଣିବା ପରେ ଥାନପତି ଶାଣଦେଇ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଶନିବାର ସ୍ଥାନୀୟ ସରପଞ୍ଚ ଅନୀତା ପାଇକରାୟ ଓ ସମିତିସଭ୍ୟା ନରୋତ୍ତମ ମହିମା ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ଉଦ୍‌ଯାପନୀ ସଭାରେ ବିଶିଷ୍ଟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଯୁବନେତା ନିରଞ୍ଜନ ପରିଡା ଓ ଗଜେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ପରମ୍ପରା ଓ ଉତ୍ସବ ସଂସ୍କୃତିକୁ ଉଦ୍‌ଜୀବିତ କରିଥାଏ ବୋଲି କହିଥିଲେ।

# ଅଣ୍ଡର-୧୭ ବଏଜ୍ ସିଙ୍ଗଲ୍‌ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

## ମୟଙ୍କ ଚାମ୍ପିୟନ

**ବାଲେଶ୍ୱର, ୯।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ୍‌ର ଅଣ୍ଡର-୧୭ର ଖେଳାଳି ମୟଙ୍କ ଭରଦ୍ୱାଜ ରାଜ୍ୟସ୍ତରୀୟ ଅଣ୍ଡର-୧୭ ବଏଜ୍ ସିଙ୍ଗଲସ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି।

କଟକସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ଆୟୋଜିତ ହୋଇଥିବା ୟୋନେକ୍ସ ସନରାଇଜ୍ ଓଏସ୍‌ବିଏ ଅଲ ଓଡ଼ିଶା ସବ୍ ଜୁନିୟର ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଗତ ୫ରୁ ୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କଟକ ଜିଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ୍ ଏହି ମ୍ୟାଚ୍‌କୁ ଆୟୋଜନ କରିଥିଲା। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ ଖେଳାଳି ଭାଗ ନେଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ନିଳିନ କୁମାର, କଟକ ଜିଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ ସମ୍ପାଦକ କମଲ ଦାସ ଏବଂ କଟକ ବ୍ୟାଡ୍‌ମିଣ୍ଟନ୍ ଡେଭେଲପ୍‌ମେଣ୍ଟ କମିଟି ଜିଲା ମୁଖ୍ୟ ଚନ୍ଦନ ଦାସ ଯୋଗଦେଇ ମୟଙ୍କଙ୍କୁ ଟ୍ରଫି, ସାର୍ଟିଫିକେଟ୍ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ବିଜୟ ପରେ ମୟଙ୍କଙ୍କୁ ବାଲେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ କର୍ମକର୍ତ୍ତା ଓ ସାଥୀ ଖେଳାଳି ଏବଂ ବହୁ ଖେଳ ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।





ଅତିଥିଙ୍କଠାରୁ ସମ୍ମାନିତ ହେଉଛନ୍ତି ମୟଙ୍କ ଭରଦ୍ୱାଜ।

# ୮୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ବାହାନଗା, ୯।୪(ଅରୂପ କୁମାର ଦାସ)**

ଜିଲା ଅବକାରୀ ବିଭାଗର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସୋମବାର ବାହାନଗା ବ୍ଲକ ନୂଆପୁର ପଞ୍ଚାୟତର ହାଟୁଆଣି ଛକ ନିକଟରୁ ୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ମୋଟରସାଇକେଲରେ ବିକ୍ରି କରୁଥିବା ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋମବାର ରାତିରେ ଅବକାରୀ ବିଭାଗ ଏସ୍‌ପି ତୃପ୍ତି ଦେଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ସଞ୍ଜିତ ବରାଳଙ୍କ ୭ଜଣିଆ ଟିମ୍ ନୂଆପୁର ପଞ୍ଚାୟତର ହାଟୁଆଣି ଛକ ନିକଟରେ ରାତିରେ ଗ୍ରାମର ଦିଲୀପ କୁମାର ମହାଳିକ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ମାଡିବସିଥିଲେ।

# ପିଣ୍ଡାପାଳରେ ମା' ସର୍ବମଙ୍ଗଳାଙ୍କ ନିଆଁପାଟ



**ବାହାନଗା, ୯।୪(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ପିଣ୍ଡାପାଳ ଗ୍ରାମର ମା' ସର୍ବ ମଙ୍ଗଳାଙ୍କ ବାର୍ଷିକ ପୂଜା ଓ ନିଆଁପାଟ ଅନୁଷ୍ଠିତ ହୋଇଛି । ଗ୍ରାମରେ ମା'ଙ୍କ ପୂଜା ଦୀର୍ଘ ଶହେ ବର୍ଷ ଧରି ପାଳନ କରାଯାଇଆସୁଛି। ପ୍ରତିବର୍ଷ ମା'ଙ୍କ ବାର୍ଷିକ ଉତ୍ସବରେ ନିଆଁପାଟ ହୋଇ ଆସୁଛି। ଯେଉଁମାନଙ୍କର ମାନସିକ ପୂରଣ ହୋଇଥାଏ ସେମାନେ ମା'ଙ୍କ ପୂଜାରେ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥାନ୍ତି। ଚଳିତବର୍ଷ ମା'ଙ୍କ ପୂଜାରେ କର୍ତ୍ତୀକର୍ତ୍ତା ଭାବେ ରମେଶ ଚନ୍ଦ୍ର ଦଳେଇ ଓ ସୁକାନ୍ତି ଦଳେଇଙ୍କର ମାନସିକ ପୂରଣ ହୋଇଥିବାରୁ ସେମାନେ କର୍ତ୍ତା ଭାବେ ପୂଜାରେ ବସି କାର୍ଯ୍ୟ ତୁଲାଉଛନ୍ତି। ସେହିପରି ମା'ଙ୍କ ପୂଜକ ଗଙ୍ଗାଧର ଦାସ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ଦାସ ପୂଜାରେ ଅନ୍ୟତମ କର୍ତ୍ତୀକର୍ତ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି।

ମଙ୍ଗଳବାର ସକାଳେ କଳସ ଶୋଭାଯାତ୍ରା କରାଯିବା ପରେ ଯଜ୍ଞକୁଣ୍ଡ ପ୍ରତିଷ୍ଠା, ଅଧିବାସ ସମେତ ଅନ୍ୟାନ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ୩ଜଣ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର ଦିନତମାମ ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ମା'ଙ୍କ ବଡପର୍ବ ନିଆଁପାଟ ଅନୁଷ୍ଠିତ ହୋଇଥିଲା। ଏହି ନିଆଁପାଟରେ ମା'ଙ୍କ ମାନସିକଧାରୀ, ଶ୍ରଦ୍ଧାଳୁଙ୍କ ସମେତ ଯେଉଁମାନେ ଦାସୀ ପଡନ୍ତି ସେମାନେ ନିଆଁ ଉପରେ ଚାଲି ଚାଲି ଯାଇଥାନ୍ତି। ଏହା ଏକ ଭକ୍ତିମୟୀ ପରିବେଶ ସୃଷ୍ଟି କରିଥାଏ। ସାଧାରଣତଃ ମା'ଙ୍କ ଦାସୀ ଓ ମାନସିକଧାରୀମାନଙ୍କ ମାନସିକ ପୂରଣ ହେଲା ପରେ ସେମାନେ ହିଁ ନିଷ୍ଠାରେ ରହିଲା ପରେ ଯାଇ ଅଙ୍ଗାର ନିଆଁ ଉପରେ ଚାଲିଥାନ୍ତି। ଏହି ପୂଜାକୁ ଗ୍ରାମର ଭାଗୀରଥି ଜେନା, କମଳାକାନ୍ତ ଦାସ, ଶଶୀକାନ୍ତ ଦାସ, ସୁନୀଲ ଦାସ, କପିଳେନ୍ଦୁ ଦାସ, ଲମ୍ବୋଧର ଦାସ, କାର୍ତ୍ତିକ ଦାସ, ରମେଶ ଜେନା ପ୍ରମୁଖ ମା'ଙ୍କ ପୂଜାରେ ସହାୟତା କରିଥାନ୍ତି । ତେବେ ମନ୍ଦିରର ଉନ୍ନତି ନିମନ୍ତେ ଗ୍ରାମବାସୀ ସରକାରଙ୍କଠାରେ କିଛି ଆର୍ଥିକ ସହାୟତା ପାଇଁ ଦାବି କରିଛନ୍ତି।

## ଭକ୍ତମୟ ଚନ୍ଦନେଶ୍ୱର ଶୈବପୀଠ

# କାମିନୀ ବିବାହ ଆଜି

**ଭୋଗରାଇ, ୯।୪(ପ୍ରଦୀପ ଦାସ )**

ଓଡ଼ିଶାର ୨ୟ ବୃହତ୍ତମ ଚନ୍ଦନେଶ୍ୱର ମହାଦେବଙ୍କ ଚଡକ ମେଳାର ମଙ୍ଗଳବାର ଥିଲା ଜୀଉଙ୍କ ୪ ଅର୍ଘ୍ୟ। ଏହି ଚାରି ଅର୍ଘ୍ୟରେ ଓଡିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ବାଂଲାଦେଶରୁ ଲକ୍ଷାଧିକ ଶୈବଭକ୍ତଙ୍କ ଆଗମନରେ ଚନ୍ଦନେଶ୍ୱର ପୀଠ ହୋଇଛି ଭକ୍ତମୟ। ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କ ୪ କି.ମି. ପରିଧି ମଧ୍ୟରେ ହଜାର ହଜାର ଉପବୀତଧାରୀ ଶୈବଭକ୍ତ ସେବାୟତ, ପଣ୍ଡା, ଯାତ୍ରିନିବାସ ଓ ଲୋକଙ୍କ ଘରେ ଓ ଅସ୍ଥାୟୀ ତମ୍ବୁରେ ଅବସ୍ଥାନ କରି ୨୪ଘଣ୍ଟାରେ ଛେପ ନ ଢ଼ୋକି ନିର୍ଜଳା ଉପବାସ ରହି ଜୀଉଙ୍କଠାରେ ବ୍ରତପାଳନ କରୁଛନ୍ତି। ରାତି ୮ଟା ପରେ ଉପବୀତଧାରୀମାନେ ଜୀଉଙ୍କ ଅର୍ଘ୍ୟ ପିଣ୍ଡରେ ଚନ୍ଦନେଶ୍ୱରଙ୍କ ନାମରେ ହରିବୋଲ ଧ୍ୱନି ଦେଇ ଅର୍ଘଦାନ ପରେ ଜଳପାନ କରି ନିରାମିଷ ହବିଷ ପାଳନ କରିଆସୁଛନ୍ତି। ଚୈତ୍ର ମାସ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ମାସ ହୋଇଥିବାରୁ ସହସ୍ରାଧିକ ଅଧିଆ ପଡ଼ିଥିବା ମହିଳା ମନ୍ଦିର ପରିସରରେ ନିଜ ଏବଂ ପରିବାରର ଜଟିଳ ରୋଗ ଆରୋଗ୍ୟ କାମନା କରିବା ସହିତ ବନ୍ଧ୍ୟାନାରୀଙ୍କ ମାତୃତ୍ୱ ସହ ପରିବାରର ସୁଖଶାନ୍ତି ବିରାଜ ନିମନ୍ତେ ଜୀଉଙ୍କଠାରେ ଆରାଧନା କରୁଛନ୍ତି। ଚନ୍ଦନେଶ୍ୱର ଜୀଉଙ୍କ ହରିବୋଲ ଧ୍ୱନିରେ ପୀଠ ପ୍ରକମ୍ପିତ ହେଉଥିବା ବେଳେ ପ୍ରତ୍ୟୁଷରୁ ହଜାର ହଜାର ଶୈବଭକ୍ତ ଜୀଉଙ୍କ ଗର୍ତ୍ତ ଗର୍ଭରେ ପଇଡ଼, କ୍ଷୀର, ଫୁଲ, ଚନ୍ଦନ, ବେଲପତ୍ର, ଦେଇ ମହାଦେବଙ୍କୁ ଭକ୍ତି ଭାବନାରେ ପୂଜାର୍ଚ୍ଚନା ଓ ଆରାଧନା କରୁଛନ୍ତି। ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ଜୀଉଙ୍କ ଆଜ୍ଞାମାଳ ନେଇଁ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି ମାନେ ବିଭିନ୍ନ ଶୈବବାଦ୍ୟ ବଜାଇ ପାଟଭକ୍ତଙ୍କ ଘରେ ଦୁର୍ଗାଘଟ ସ୍ଥାପନ, ସେବାୟତ ଘରକୁଯାଇ ଶିବଦୁର୍ଗା ବିବାହ ନିମନ୍ତେ ଆମନ୍ତ୍ରଣ, ନିତ୍ୟ ପୂଜା ମଙ୍ଗଳବାର ସମାପନ କରିଛନ୍ତି। ବୁଧବାର ଚିରାଚରିତ ଧର୍ମୀୟ ପ୍ରଥାନୁଯାୟୀ ଦେବଦେବ ମହାଦେବ ଚନ୍ଦନେଶ୍ୱର ମହାଦେବଙ୍କ ସହିତ ସୁନ୍ଦରୀ କାମିନୀ ନାମକ ଅସୁରୁଣୀକୁ ମନ୍ଦିର ରୁଦ୍ଧ ଦ୍ୱାରରେ ବିବାହ କରିବେ। ଏଥିନିମନ୍ତେ ଭଙ୍ଗପୁର ଗ୍ରାମର ମଳାକାର ଘରେ ଜନ୍ମିତ କାମିନୀ ଠାକୁରାଣୀଙ୍କୁ ସୁସଜ୍ଜିତ ରଥରେ ସାହାନାଇ, ଢାକ, ଢୋଲ ବାଦ୍ୟ, ରୋଷଣୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଟ୍ରଷ୍ଟବୋର୍ଡ଼ ସଦସ୍ୟ, ସେବାୟତ ପ୍ରଶାସନ, ଉପବୀତଧାରୀ ଭକ୍ତ ମନ୍ଦିର ବିଜେ କରିବେ। ପ୍ରସିଦ୍ଧ ମେଳାରେ ବିଜୁଳି ବିଭ୍ରାଟ ହେବା ସହିତ ସ୍ୱେଚ୍ଛାସେବୀଙ୍କୁ ମେଳାରେ ସଫେଇ ଓ ତୃଷାର୍ତ୍ତଙ୍କୁ ଜଳଦାନରୁ ଟ୍ରଷ୍ଟବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ବଞ୍ଚିତ କରିଥିବାରୁ ବହୁ ସ୍ୱେଚ୍ଛାସେବୀ ଅସନ୍ତୋଷ ପ୍ରକାଶ କରିବା ସହିତ ମେଳା ପରିବେଶ ଉତ୍କଟ ହୋଇଛି ।



